# NATIONAL NEWS BULLETIN (ODIA)

## 29 March - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ବିହାରର ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା ଆସନ ନିର୍ବାଚନ ପାଇଁ ୧୧୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି ।
- ବନ୍ଦୀଜୀବନ ବିତାଉଥିବା ରାଜନେତା ମୁଖତାର ଅନସାରୀଙ୍କର ଗତକାଲି ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି ।
- ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେ ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା ମୁଖ୍ୟ ଅଭିଯୁକ୍ତକୁ ଗିରଫ୍ କରିଛି ।
- ପାଲେଷ୍ଟାଇନ ରାଷ୍ଟ୍ରପତି ମହମୁଦ ଆବାସ ନୂତନ ନିର୍ବାଚିତ ସରକାରକୁ ଅନୁମୋଦନ ପ୍ରଦାନ କରିଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଆଜି ବେଙ୍ଗାଲୁରୁ ଠାରେ ମ୍ୟାଚ୍ ଖେଳାଯିବ ।

# ବିହାର-ନୋମିନେସ୍

ବିହାରର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଗତକାଲି ଶେଷ ହୋଇଛି । ଚାରୋଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ପାଇଁ ମୋଟ୍ ୧୧୦ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତକାଲି ନାବାଦା ଏବଂ ଗୟା ସଂସଦୀୟ ନିର୍ବାଚନ ପାଇଁ ଗତକାଲି ପ୍ରାର୍ଥୀପତ୍ର ଦାଖଲ ହୋଇଛି । ଔରଙ୍ଗାବାଦ ପାଇଁ ୨୫ ଜଣ ଏବଂ ଜାମୁଇ ଲୋକସଭା ଆସନ ପାଇଁ ୨୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ପର୍ଯ୍ୟାୟରେ ଗୟା, ଔରଙ୍ଗାବାଦ, ନବାଦା ଓ ଜାମୁଇ ଲୋକସଭା ଆସନରେ ମତଦାନ ହେବ । ଆସନ୍ତାକାଲି ପ୍ରାର୍ଥୀପତ୍ର ଗୁଡ଼ିକୁ ଯାଞ୍ଚ କରାଯିବ । ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଏପ୍ରିଲ୍ ୨ ତାରିଖ ରହିଛି । ମତଦାନ ଏପ୍ରିଲ୍ ୧୯ ତାରିଖରେ ହେବ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ପ୍ରଥମ ପର୍ଯ୍ୟାୟରେ ବିଜେପି ଦୁଇଟି ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଲୋକଜନଶକ୍ତି ପାର୍ଟି ରାମବିଳାଶ ଓ ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା ଗୋଟିଏ ଲେଖାଏଁ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ମହାମେଣ୍ଟରୁ ଆର୍.ଜେ.ଡି. ସମସ୍ତ ୪ଟି ଯାକ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛି ।

ଅନ୍ୟ ପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଗତକାଲିଠାରୁ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ କିଶନଗଞ୍ଜ, କଟିହାର୍, ପୂର୍ଣ୍ଣିଆ, ଭାଗଲପୁର ଓ ବାଙ୍କା ଲୋକସଭା ଆସନରେ ମତଦାନ ହେବ । ଏପ୍ରିଲ୍ ୪ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଥିବା ବେଳେ ତା ପର ଦିନ ସେଗୁଡ଼ିକୁ ଯାଞ୍ଚ କରାଯିବ । ଏପ୍ରିଲ୍ ୨୬ ତାରିଖରେ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ଜେ.ଡି.ୟୁ. ପ୍ରାର୍ଥୀ ସନ୍ତୋଷ କୁମାର କୁଶୱାହା ପୂର୍ଣ୍ଣିଆରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ଆସାମ-ପୋଲସ୍

ଆସାମର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ୩୬ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ ରହିଛି । ନାମାଙ୍କନପତ୍ର ଦାଖଲ କରିଥିବା ୩୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଛି । ଏହି ପର୍ଯ୍ୟାୟରେ ୫ଟି ଲୋକସଭା ଆସନ ପାଇଁ ମତଦାନ କରାଯିବ । ବିଜେପି ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ୍, ସାଂସଦ ତୋପୋନ କୁମାର ଗୋଗୋଇ ଏବଂ ବିଧାୟକ ରଣଜୀତ ଦତ୍ତ ନିର୍ବାଚନ ଲଢୁଛନ୍ତି । ସେହିଭଳି କଂଗ୍ରେସ ପକ୍ଷରୁ ସାଂସଦ ଗୌରବ ଗୋଗୋଇ ଏବଂ ପୂର୍ବତନ ବିଧାୟକ ରୋଜେଲିନା ତିର୍କୀ ମଧ୍ୟ ନିର୍ବାଚନ ରଣାଙ୍ଗନାରେ

ଅଛନ୍ତି । ଆସୋମ ଜାତୀୟ ପରିଷଦର ଅଧ୍ୟକ୍ଷ ଲୁରିନ୍‌ଜ୍ୟୋତି ଗୋଗୋଇ ଦିବ୍ରୁଗଡ଼ ଆସନରୁ ନିର୍ବାଚନ ଲଢୁଛନ୍ତି ।

ଅନ୍ୟ ପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଗତକାଲିଠାରୁ ନାମାଙ୍କନପତ୍ର ଦାଖଲ ହୋଇଛି । ଏହି ପର୍ଯ୍ୟାୟରେ ସିଞ୍ଚର ଏବଂ ନାଗାଓଁକୁ ମିଶାଇ ୫ଟି ଲୋକସଭା ଆସନରେ ମତଦାନ ଅନୁଷ୍ଠିତ ହେବ ।

## ମହା-ଏଲ୍ ପୋଲ୍ ଅପ୍‌ଡେଟ୍

ମହାରାଷ୍ଟ୍ରର ନିର୍ବାଚନ ଅଧିକାରୀ ଏସ୍. ଚୋକ୍‌ଲିଙ୍ଗମ୍ କହିଛନ୍ତି, ମହାରାଷ୍ଟ୍ରରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ୧୮୧ଜଣଙ୍କ ମଧ୍ୟରୁ ୧୧୦ ଜଣଙ୍କର ପ୍ରାର୍ଥୀପତ୍ର କାଏମ୍ ରହିଛି । ଏହି ପର୍ଯ୍ୟାୟରେ ୫ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ସେ କହିଛନ୍ତି, ନାଗପୁର ଆସନ ପାଇଁ ୫୩ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୨୬ଜଣ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ଭଣ୍ଡାରା-ଗୋନ୍ଦିଆ ଆସନ ପାଇଁ ୨୨ ଜଣ, ଗଡ଼ଚିରୋଲି-ଚିମୁର୍ ଆସନ ପାଇଁ ୧୨ ଜଣ, ଚନ୍ଦ୍ରପୁର ଆସନ ପାଇଁ ୧୫ ଜଣ ଏବଂ ରାମ୍‌ଟେକ୍ ଲୋକସଭା ଆସନ ପାଇଁ ୩୫ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ ରହିଛି । ଆସନ୍ତାକାଲି

ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଆସନ୍ତା ମାସ ୧୯ ତାରିଖ ଦିନ ଏହି ଆସନ ଗୁଡ଼ିକ ଲାଗି ମତଦାନ ଅନୁଷ୍ଠିତ ହେବ ।

# ଜେକେ-ନୋମିନେସ୍

ଜମ୍ମୁ-କଶ୍ମୀରର ୪ ଉଧମପୁର ସଂସଦୀୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର  ଡକ୍ଟର ରାକେଶ ମିନହାସ ଆଗାମୀ ୧୮ତମ ସଂସଦୀୟ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କର ନାମାଙ୍କନପତ୍ର ଯାଞ୍ଚ କରିଥିଲେ।

ଜମ୍ମୁ ପ୍ରତିନିଧିଙ୍କ କହିବା ଅନୁଯାୟୀ, ବହୁଜନ ସମାଜ ପାର୍ଟିର ଅମିତ କୁମାର, ଜମ୍ମୁ-କଶ୍ମୀର ନ୍ୟାସନାଲ ପାନ୍ଥର୍ସ ପାର୍ଟିର ବଲୱାନ ସିଂହ, ଭାରତୀୟ ଜନତା ପାର୍ଟିର ଡ. ଜିତେନ୍ଦ୍ର ସିଂହ, ଭାରତୀୟ ଜାତୀୟ କଂଗ୍ରେସରୁ ଚୌଧୁରୀ ଲାଲ ସିଂହ, ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟିରୁ ଗୁଲାମ ମହମ୍ମଦ ସରୋରୀ, ଏକାମ୍ର ସନାତନ ଭାରତ ଦଳର ମନୋଜ କୁମାର, ଡ. ପଙ୍କଜ ଶର୍ମାଙ୍କ ସମେତ ୧୨ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ କରାଯାଇଛି। ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜେଶ ମନଚନ୍ଦା, ସଚିନ ଗୁପ୍ତା, ସ୍ୱର୍ଣ୍ଣ ବୀର ସିଂ ଜରାଳ, ମହମ୍ମଦ ଅଲ୍ଲୀ ଗୁର୍ଜର ଓ ମେହରାଜ ଦିନ ନିର୍ବାଚନ ଲଢୁଛନ୍ତି। ୪-ଉଧମପୁର ସଂସଦୀୟ ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ଯାଞ୍ଚ କରାଯାଇଥିଲା। ପ୍ରାର୍ଥୀମାନେ ଆସନ୍ତାକାଲି

ଅପରାହ୍ଣ ୩ଟା ପୂର୍ବରୁ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ଆସନ୍ତା ଏପ୍ରିଲ ୧୯ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ମତଦାନ ହେବ।

## ମୁଖତାର୍ ଅନ୍‌ସାରୀ-ଡେଡ୍

ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ମୁଖତାର ଅନସାରୀଙ୍କର ଗତକାଲି ରାତିରେ ଉତ୍ତରପ୍ରଦେଶର ବାନ୍ଦା ମେଡିକାଲ କଲେଜ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଛି। ଗତକାଲି ସକାଳେ ତାଙ୍କୁ ରଖାଯାଇଥିବା ଜିଲ୍ଲା କାରାଗାରରେ ଅଚେତ ହୋଇପଡ଼ିବାରୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ଉତ୍ତରପ୍ରଦେଶ ଡିଜିପି ପ୍ରଶାନ୍ତ କୁମାର କହିଛନ୍ତି, ଅନସାରୀଙ୍କ ମୃତ୍ୟୁ ପରେ ସମଗ୍ର ୟୁପିରେ ସି.ଆର୍.ପି.ସି. ଧାରା ୧୪୪ ଅଧୀନରେ ନିଷେଧାଦେଶ ଜାରି କରାଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୟୁ.ପି.ର ଗାଜିପୁର, ମଉ, ବାରାଣାସୀ ଏବଂ ପୂର୍ବ ୟୁ.ପି. ଅଞ୍ଚଳର ଅନ୍ୟାନ୍ୟ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗତ ସପ୍ତାହରେ ମୁଖତାରଙ୍କ ଓକିଲ ଉପଯୁକ୍ତ ଡାକ୍ତରୀ ପରୀକ୍ଷା ପାଇଁ ବାରବାଙ୍କିର ଏକ ଅଦାଲତରେ ଆବେଦନ କରିଥିଲେ ଏବଂ ସେଥିରେ

ବନ୍ଦୀ ଥିବା ବାନ୍ଦା ଜେଲ କର୍ମଚାରୀ ତାଙ୍କୁ 'ସ୍ଲୋ ପଏଜନିଂ' ଦେଉଛନ୍ତି ବୋଲି ଅଭିଯୋଗ କରାଯାଇଥିଲା ।

ପୂର୍ବ ୟୁ.ପି.ର ମଉରୁ ୫ଥର ବିଧାୟକ ହୋଇଥିବା ଅନ୍ସାରୀ ଜମିଜମା ବ୍ୟବସାୟରେ ସମ୍ପୃକ୍ତ ଥିଲେ ଏବଂ ୟୁ.ପି. ତଥା ଅନ୍ୟାନ୍ୟ ସ୍ଥାନରେ ୬୦ରୁ ଅଧିକ ଅପରାଧିକ ମାମଲା ତାଙ୍କ ବିରୁଦ୍ଧରେ ରହିଥିଲେ। ୨୦୦୫ ମସିହାରୁ ସେ ହାଜତରେ ଥିଲେ। ବହୁଜନ ସମାଜ ପାର୍ଟି (ବିଏସପି) ପ୍ରାର୍ଥୀ ଭାବେ ସେ ଦୁଇଥର ନିର୍ବାଚନ ଲଢ଼ିଥିଲେ।

## ଏନ୍ଆଇଏ-ଆରେଷ୍ଟ

ବେଙ୍ଗାଲୁରୁର ରାମେଶ୍ୱରମ୍ କାଫେ ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ମୁଖ୍ୟ ଅଭିଯୁକ୍ତକୁ ଗତକାଲି ଗିରଫ୍ କରିଛି । କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ବିଭିନ୍ନ ଅଞ୍ଚଳରେ ଖାନତଲାସୀ କରାଯାଇ ଏହି ମୁଖ୍ୟ ଅଭିଯୁକ୍ତକୁ ଗିରଫ୍ କରାଯାଇଛି ବୋଲି ଏନ୍.ଆଇ.ଏ. କହିଛି । ଏନ୍.ଆଇ.ଏ. କହିଛି, ଏହି ବିସ୍ଫୋରଣ ଘଟଣାରେ ସମସ୍ତ ପ୍ରକାର ତଥ୍ୟ ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ସୁବିଧା ଏହି ମୁଖ୍ୟ ଅଭିଯୁକ୍ତ ପ୍ରଦାନ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

ସୂଚନା ଯୋଗ୍ୟ ଚଳିତ ମାସ ପ୍ରାରମ୍ଭରେ ଏହି କାଫେରେ ହୋଇଥିବା ବିସ୍ଫୋରଣରେ ଏକାଧିକ ଲୋକ ଆହତ ହୋଇଥିଲେ ।

## ପାଲେଷ୍ଟାଇନ୍-ନ୍ୟୁ ଗଭ୍

ପାଲେଷ୍ଟାଇନ ରାଷ୍ଟ୍ରପତି ମହମୁଦ ଆବାସ ଗତକାଲି ନୂତନ ସରକାର ଗଠନକୁ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ମହମ୍ମଦ ମୁସ୍ତାଫାଙ୍କ ନେତୃତ୍ୱରେ ୨୩ ଜଣ ମନ୍ତ୍ରୀଙ୍କୁ ନେଇ ଏହି ନବନିର୍ବାଚିତ ସରକାର ଗଠିତ ହୋଇଛି । ପ୍ରଧାନମନ୍ତ୍ରୀ ମୁସ୍ତଫା ବୈଦେଶିକ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିବେ। ସରକାରୀ ଗଣମାଧ୍ୟମ ଓ୍ୱାଫା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୁସ୍ତାଫା ସରକାରଙ୍କ କାର୍ଯ୍ୟକ୍ରମ ଏବଂ ପ୍ରସ୍ତାବିତ ଗଠନ ତାଲିକା ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସେହି ଅନୁଯାୟୀ ରାଷ୍ଟ୍ରପତି ଦେଶର ୧୯ତମ ସରକାରଙ୍କୁ ଅନୁମୋଦନ କରିଛନ୍ତି। ନୂଆ କ୍ୟାବିନେଟରେ ରାଜ୍ୟ ରିଲିଫ୍ ମନ୍ତ୍ରୀ ଭାବେ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି ।

ପ୍ରଧାନମନ୍ତ୍ରୀ ମୁସ୍ତାଫା ରାଷ୍ଟ୍ରପତି ଆବାସଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା କ୍ୟାବିନେଟ୍ ବିବୃତି ଅନୁଯାୟୀ ଗାଜାରେ ତୁରନ୍ତ ଅସ୍ତ୍ରବିରତି ଏବଂ ସେଠାରୁ ସମ୍ପୂର୍ଣ୍ଣ ଭାବେ ଇସ୍ରାଏଲ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ସରକାରଙ୍କ ପ୍ରଥମ ପ୍ରାଥମିକତା ହେବ । ଏଥିସହ ମାନବୀୟ ସହାୟତାକୁ ବୃଦ୍ଧି କରିବା ଏବଂ ଏହା ଯେପରି ସବୁ ଅଞ୍ଚଳରେ ପହଞ୍ଚି ପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବା ସରକାରଙ୍କର ପ୍ରାଥମିକତା ରହିବ । ସେ କହିଛନ୍ତି, ପଶ୍ଚିମ ତଟ ଓ ଗାଜା ଷ୍ଟ୍ରିପ୍‌ରେ ଥିବା ଅନୁଷ୍ଠାନ ଗୁଡ଼ିକର ପୁନରୁଦ୍ଧାର ଦିଗରେ ସରକାର ଗୁରୁତର ସହ କାର୍ଯ୍ୟ କରିବେ। ଏହି ନୂତନ ନିର୍ବାଚିତ ସରକାର

ଆସନ୍ତା ରବିବାର ଦିନ ସାମ୍ବିଧାନିକ ଭାବେ ଶପଥ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

## ଜେକେ-ଲିକର୍ ସିଜଡ୍

ଜମ୍ମୁ-କଶ୍ମୀରରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରଠାରୁ ଜମ୍ମୁ ଡିଭିଜନର କାଠୁଆ ଜିଲ୍ଲାରେ କାର୍ଯ୍ୟରତ ଏକାଧିକ ଏନଫୋର୍ସମେଣ୍ଟ ଟିମ୍ ମୋଟ୍ ୨୯ଲକ୍ଷ ୫୧ ହଜାର ୬୩୦ ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଓ ନଗଦ ଟଙ୍କା ଜବତ କରିଛନ୍ତି ।

ଆକାଶବାଣୀ ଜମ୍ମୁ ସମ୍ବାଦଦାତା କହିଛନ୍ତି, କାଠୁଆର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ୪-ଉଧମପୁର ସଂସଦ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ମଧ କହିଛନ୍ତି, ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସେ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ’ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୨ରନ୍‌ରେ ପରାସ୍ତ କରିଛି । ଜୟପୁରର ସବାଇ ମାନ୍‌ସିଂହ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ରାଜସ୍ଥାନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ରାଜସ୍ଥାନ ୧୮୫ରନ୍ ସଂଗ୍ରହ କରିଥିଲା । ରାଜସ୍ଥାନ ତରଫରୁ ରିଆନ୍ ପରାଗ ସର୍ବାଧିକ ୪୫ଟି ବଲ୍‌ରୁ ୮୪ରନ୍ ସଂଗ୍ରହ କରିଥିଲେ । ୧୮୬ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ୫ ଓ୍ୱିକେଟ୍ ବିନିମୟରେ ୧୭୩ରନ୍ କରିବାକୁ ସକ୍ଷମ ହୋଇଥିଲା । ରିଆନ୍ ପରାଗ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ବେଙ୍ଗାଲୁରୁ ଠାରେ ସନ୍ଧ୍ୟା ସାଢ଼େ ସାତଟାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।